# Akashvani, Sambalpur

## SAMBALPURI NEWS BULLETIN

### 6 August 2025 - 6.47- 6.52 am.

*************************************************

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ସାକ୍ଷାତ୍ I&PR

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡାଙ୍କୁ ଭେଟିକରି ରାଜ୍ୟର୍ ସ୍ୱାସ୍ଥ୍ୟସେବା ବିଷେଥି ଆଲୋଚନା କରିଛନ୍ । ତାଲ୍‌ଚେର୍‌ର ପବିତ୍ର ମୋହନ୍ ପ୍ରଧାନ୍ ମେଡ଼ିକାଲ୍ କଲେଜ୍ ଆଉ ଫୁଲ୍‌ବାଣୀ ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ୨୦୨୫-୨୬ ଶିକ୍ଷା ବଛର୍ ଲାଗି ୨ ଶହ ଏମ୍‌ବିବିଏସ୍ ସିଟ୍ ଥି ନାଁଲେଖାବାର୍‌କେ ଅନୁମତି ପତ୍ର ଦେବାର୍‌କେ ଡକ୍ଟର୍ ମହାଲିଙ୍ଗ ଅନୁରୋଧ୍ କରିଛନ୍ । ଇ ଦୁହି କଲେଜ୍ ନ ନାଁଲେଖା ମୁଲ୍ ହେଲେ ରାଏଜେ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୧୮ ଶହ କେ ବଢ଼୍‌ବା । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, କଟକ୍, ବର୍‌ଗଡ଼୍ ଆଉ କନ୍ଧମାଲ୍ ସାଂସଦ୍ ଉପସ୍ଥିତ୍ ଥିଲେ ।

ଜନ ଅଭିଯୋଗ୍ ଶୁଣାଣି- ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇଚ୍ଛୁକ୍ ଲୁକେ ଜନଶୁଣାଣି ପୋର୍ଟାଲ୍ ଆଉ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ହସ୍ତତନ୍ତ ଦିବସ I&PR

ଜାତୀୟ ହସ୍ତତନ୍ତ ଦିବସ- ୨୦୨୫ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ଆଏବା କାଏଲ୍ ଏକତା ଉତ୍ସବ୍ ପାଲନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ୩ ଦିନିଆ କାର୍ଯ୍ୟକ୍ରମ୍‌ଥି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ଫେସନ୍ ସୋ ନୁ ମୁଲ୍ କରିକରି ଲେଜର୍ ସୋ ହେବା । ଇ ଅବ୍‌ସରେ ମେଗା ହସ୍ତତନ୍ତ ଆଉ ହସ୍ତଶିଳ୍ପ ପ୍ରଦର୍ଶନୀ ହେବା । ୧୫ ଶହ ନୁ ଅଏତ୍‌କା ବୁଣାକାର୍ ଇଥି ଭାଗ୍ ନେବେ ବଲି ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚ୍‌ନା ଦେଇଛନ୍ ।

ଶ୍ରୀମନ୍ଦିର୍ ପ୍ରଶାସନ୍ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ସୁରକ୍ଷାକେ ନେଇକରି ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ଠାନେ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଶ୍ରୀମନ୍ଦିର୍ ନ ହିଡେନ୍ କେମ୍ରା, ମୋବାଇଲ୍ ଫୋନ୍ ଆଉ ଶ୍ରୀମନ୍ଦିର୍ ଉପ୍ରେ ଡ୍ରୋନ୍ ଉଡ଼ାଲେ କଠୋର୍ ପଦକ୍ଷେପ୍ ନେବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ବୈଠକ୍‌ଥି ଶ୍ରୀମନ୍ଦିର୍ ଆଇନ୍‌ଥି ଦର୍କାରୀ ସଂଶୋଧନ୍ ବାବ୍‌ଦେ ପ୍ରସ୍ତାବ୍ ଆଗତ୍ କରାଯାଇଥିଲା ।

ମଧ୍ୟସ୍ଥତା ଜରିଏ ମାମ୍ଲା ସମାଧାନ I&PR

ମଧ୍ୟସ୍ଥତା ଜରିଏ ମାମ୍ଲାମାନ୍‌କର୍ ସମାଧାନ୍ ଲାଗି ରହିଥିବା ଆଇନ୍‌କେ ନେଇକରି ସେପ୍ଟେମ୍ବର୍ ୨୮ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ୍ କରାଯିବା । କର୍ମଶାଳାକେ ନେଇକରି ଗଲାକାଏଲ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପହେଲାକରି

ରାଏଜେ ହେବାର୍‌କେ ଥିବା ଇ କର୍ମଶାଳାଥି ଜାତୀୟସ୍ତରର୍ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବିଶ୍ୱସ୍ତନ୍ୟପାନ ସପ୍ତାହ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ବିଶ୍ୱସ୍ତନ୍ୟପାନ ସପ୍ତାହ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଭର୍ଜିନ୍ ଲେଣ୍ଡ ସିକ୍ୟୁରିଟି ଶିଖର୍ ସମ୍ମିଲନୀ I&PR

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ହେଇଥିବା ଭର୍ଜିନ୍ ଲେଣ୍ଡ ସିକ୍ୟୁରିଟି ଶିଖର୍ ସମ୍ମିଲନୀଥି ଯୋଗ୍ ଦେଇକରି ରାଏଜେ ମହଜୁଦ୍ ସମ୍ବଳ, କୃଷି ଉଦ୍ୟୋଗ୍ ଆଉ ଇକୋ କୃଷି ହବ୍ ବାବ୍‌ଦେ ଆଲୋଚନା କରିଛନ୍ । ଓଡ଼ିଶାର୍ ବର୍‌କସ୍ ନୀତି ସହେତେ ରାଜ୍ୟ ସର୍‌କାର୍ ଜମି, ବିଦ୍ୟୁତ୍, ସବ୍‌ସିଡ଼ି, ପୁଞ୍ଜିନିବେଶ୍ ଲାଗି ତହଁକାବାର୍ ସହେତେ ଫାଷ୍ଟଟ୍ରାକ୍ ମଞ୍ଜୁରୀ

ଦଉଛନ୍ । ବିଶ୍ୱସ୍ତରୀୟ ଅଂଶୀଦାର୍ ଆଉ କୃଷି ଉଦ୍ୟୋଗୀମାନ୍‌କୁ ଓଡ଼ିଶାକେ ଆସ୍‌ବାର୍ ଲାଗି ଶ୍ରୀ ସିଂହଦେଓ ଆହ୍ୱାନ୍ ଦେଇଛନ୍ ।

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ମନ୍ତ୍ରୀ I&PR

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଗଲାକାଏଲ୍ ଭୁବ୍‌ନେଶ୍ୱର ଖାରବେଳ ଭବନ୍ ଠାନେ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା, ପରିମଳ, ଭିତିଭୂମି, ସଫେଇ, କର୍ମଚାରୀମାନ୍‌କର୍ ଗରିମା ଯୋଜ୍‌ନାର୍ କାର୍ଯ୍ୟକାରିତା ଆଉ ବଜେଟ୍ ବିନିଯୋଗ୍ ବାବ୍‌ଦେ ମନ୍ତ୍ରୀ ସମୀକ୍ଷା କରିଛନ୍ । ବିଭାଗ୍ ଅଧୀନ୍‌ଥି ଚାଲିଥିବା ସବୁ ଫ୍ଲାଗ୍‌ସିପ୍ ଯୋଜ୍‌ନା ଆଉ ପଦକ୍ଷେପ୍ ମାନ୍‌କର୍ ରିୟଲ୍ ଟାଇମ୍ ମନିଟରିଂ, ତୁର୍‌ତି କାର୍ଯ୍ୟକାରିତା ଆଉ ଉନ୍ନତ୍ ଉତର୍ ଦାୟିତ୍ୱ ସୁନିର୍ଶ୍ଚିତ୍ କର୍‌ବାର୍ ଲକ୍ଷ୍ୟଥି ଫି’ ମାସର୍ ପହେଲା ମଙ୍ଗଲ୍‌ବାର୍ ଦିନ ସମୀକ୍ଷା ବୈଠକ୍ କରାଯିବା ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର ସୂଚ୍‌ନା ଦେଇଛନ୍ ।

ଫାଇଲେରିଆ ଉଷୋ ସମ୍ବଲପୁର ସମ୍ବାଦଦାତା

ଆଏବା ୧୦ ତାରିଖ୍ ନୁ ସମ୍ବଲ୍‌ପୁର୍ ଜିଲ୍ଲା ନ ଫାଇଲେରିଆ ରୋଗ୍ ନିରାକରଣ୍ ଲାଗି ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେବା ।

ଇତାକେ ନେଇକରି ଗଲାକାଏଲ୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ଆଏବା ୧୦ ନୁ ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ଲାଗି ରଣନୀତି ତିଆର୍ କରାଯାଇଥିଲା ।

ଟିପିଏବ୍ଲୁଓଡିଏଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରକ କମ୍ପାନୀ- ଟିପିଏବ୍ଲୁଓଡିଏଲ୍ ତର୍ଫୁ ବର୍‌ଗଡ୍ ଠାନେ ବିଦ୍ୟୁତ୍ ଉପଭୋକ୍ତାମାନ୍‌କର୍ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ୍ ଲାଗି ଖାସ୍ ଅଭିଯୋଗ୍ ସମାଧାନ୍ ଶିବିର ଆୟୋଜନ୍ କରାଯାଇଛେ । ଆଏଜ୍‌ଠାନୁ ୨୦ ତାରିଖ୍‌ତକ୍ ଉପଭୋକ୍ତମାନେ ନିଜର୍ ଅଭିଯୋଗ୍‌କେ ନେଇକରି ଶିବିର୍ ନ ଉପସ୍ଥିତ୍ ରହେବାର୍‌କେ ଟିପିଏବ୍ଲୁଓଡିଏଲ୍ ତର୍ଫୁ କୁହାଯାଇଛେ ।

ଜାତୀୟ ମାଷ୍ଟର୍ ଭାରୋତଲନ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

କେରଲ୍ ନ ଚାଲିଥିବା ଜାତୀୟ ମାଷ୍ଟର୍ ଭାରୋତଲନ ପ୍ରତିଯୋଗିତାଥି ଓଡ଼ିଶାର୍ ଖେଲାଲୀମାନେ ୫ ଟା ପଦକ୍ ଜିତିଛନ୍ । ଇଥି ଗୁଟେ ସ୍ୱର୍ଣ୍ଣପଦକ୍ ଆଉ ୪ ଟା ରୌପ୍ୟପଦକ୍ ରହିଛେ । ୯୮ କିଲୋଗ୍ରାମ୍ ବିଭାଗ୍‌ଥି ବାବୁଲା ସାମଲ୍ ସ୍ୱର୍ଣ୍ଣପଦକ୍ ଜିତିଛନ୍ ।

ପାଣିପାଗ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍‌ଠାନୁ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଉତର୍, ଭିତ୍‌ରିଆ ଆର୍ ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ । ଆଏବା କାଏଲ୍‌ଠାନୁ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।